ଓମ୍ ପ୍ରକାଶ ଗାର୍ଗୀ

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ଅକ୍ଟୋବର 7,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ସରକାରୀ କର୍ମଚାରୀଙ୍କ ଦ୍ୱାରା ବ୍ୟୟ ହୋଇଥିବା ଚିକିତ୍ସା ଖର୍ଚ୍ଚ – ପ୍ରତିପୂରଣରେ ବିଳମ୍ବ – ସୁଧ ପାଇଁ ଦାବି – ଦର୍ଶାଯାଇଛି, କର୍ମଚାରୀଙ୍କ ଅଧିକାର ହେଉଛି ପ୍ରତିପୂରଣ ପାଇବା ଏବଂ ଏହା ଅନୁସରଣ କରେ ନାହିଁ ଯେ, ଦେୟରେ ବିଳମ୍ବ ପାଇଁ ସେ ସୁଧ ପାଇବାକୁ ହକଦାର ହେବା ଉଚିତ – ବିଳମ୍ବିତ ପ୍ରତିପୂରଣ ଉପରେ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା  ଉଚିତ ନୁହେଁ ।*

*ଭାରତର ସମ୍ବିଧାନ:*

*ଅନୁଚ୍ଛେଦ 136 ଏବଂ 141 – ସ୍ୱତନ୍ତ୍ର ଅନୁମତି ପାଇଁ ଆବେଦନ – ପରିସ୍ଥିତିରେ ମୂଳରୁ ଖାରଜ – ଦର୍ଶାଯାଇଛି, କୌଣସି ନିଷ୍ପତ୍ତିର ଆଧାର ପ୍ରଦାନ କରେ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା :ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 19497/1996 ।

ଏଲ୍. ପି. ଏ. ସଂଖ୍ୟା 60/1996 ରେ ସି. ଏମ୍. ସଂଖ୍ୟା  933/96 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 29.5.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜେ. ଡି. ଜୈନ ଏବଂ ବି. ଏସ୍. ଗୁପ୍ତା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଏଲ୍. ପି. ଏ. ସଂଖ୍ୟା 60/1996 ରେ ସି. ଏମ୍. ସଂଖ୍ୟା 933/96 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 29.5.96 ତାରିଖରେ କରାଯାଇଥିବା ଆଦେଶ ବିରୁଦ୍ଧରେ ଦାଖଲ କରାଯାଇଛି ।

ସ୍ୱୀକାରଯୋଗ୍ୟ, ଆବେଦନକାରୀ ହୃଦରୋଗ ପାଇଁ ଘରୋଇ ଡାକ୍ତରଖାନାରେ ବ୍ୟୟ ହୋଇଥିବା ଚିକିତ୍ସା ଖର୍ଚ୍ଚର ପ୍ରତିପୂରଣ ଦାବି କରିଥିଲେ । ଶେଷରେ, ଏହି ରାଶି ଅଗଷ୍ଟ 28, 1991 ରେ ବିତରଣ କରାଯାଇଥିଲା କିନ୍ତୁ ଏହାର ଦେୟରେ ବିଳମ୍ବ ହୋଇଥିଲା । ଆବେଦନକାରୀ ଏହି ରିଟ୍ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏଲ୍. ପି. ଏ. ରେ ଏହି ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଆବେଦନକାରୀଙ୍କ ଦ୍ୱାରା ଦାବି କରାଯାଇଥିବା 12% ସୁଧକୁ ଅନୁମତି ଦେଇନଥିଲେ । ସେ ଏକ ସମୀକ୍ଷା ଆବେଦନ ଦାଖଲ କରିଥିଲେ ଏବଂ ତାହା ଖାରଜ ହୋଇଥିଲା । ତେଣୁ ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ଅନେକ ମାମଲାରେ ଖଣ୍ଡପୀଠ ସୁଧ ପଇଠ ପାଇଁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଏହି ମାମଲାରେ ସେମାନେ ଉପରୋକ୍ତ ସିଦ୍ଧାନ୍ତରୁ ଓହରି ଯାଇଛନ୍ତି । ଯେତେବେଳେ ରାଜ୍ୟ ଦ୍ୱାରା ଏକ ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରାଯାଇଥିଲା, ଏହି ନ୍ୟାୟାଳୟ ଏହାକୁ ପରିସ୍ଥିତିରେ ମୂଳରୁ ଖାରଜ କରିଦେଇଥିଲେ । ତେଣୁ ଆବେଦନକାରୀ ସୁଧ ପାଇବାକୁ ହକଦାର ଅଟନ୍ତି ।

ଆମେ ଏହି ଯୁକ୍ତିରେ କୌଣସି ଜୋର ପାଉନାହୁଁ । ଏହା ସତ୍ୟ ଯେ, କିନ୍ତୁ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପରିମାଣର ପ୍ରତିପୂରଣର ସୁବିଧା ପାଇଁ ଆବେଦନକାରୀଙ୍କ ପ୍ରତିପୂରଣ ଦାବି କରିବାର କୌଣସି ଅଧିକାର ନାହିଁ । ପ୍ରଶ୍ନଟି ହେଉଛି : ଚିକିତ୍ସା ଖର୍ଚ୍ଚ ପାଇଁ ବ୍ୟୟ ହୋଇଥିବା ଅର୍ଥ ପ୍ରତିପୂରଣ କରିବାରେ ବିଳମ୍ବ କାରଣରୁ, ବିଳମ୍ବିତ ଦେୟ ଉପରେ ସୁଧ ଦେବାକୁ ମଧ୍ୟ ରାଜ୍ୟ ଉତ୍ତରଦାୟୀ ହେବା ଉଚିତ କି ? ଆମର ମତ ହେଉଛି ଯେ, ପ୍ରତିପୂରଣ ରାଶି ପ୍ରଦାନରେ ବିଳମ୍ବ ପାଇଁ ସୁଧ ଦେବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେବା ଅଯୌକ୍ତିକ ଅଟେ ଏବଂ ଉଚିତ ନୁହେଁ । ଏହା ଆବେଦନକାରୀ ଏବଂ ସମାନ ବ୍ୟକ୍ତିଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ପରିମାଣର ଯାଞ୍ଚ ଆବଶ୍ୟକ କରେ । ତାଙ୍କର ଅଧିକାର କେବଳ ପ୍ରତିପୂରଣ ପାଇବା ଅଟେ ଏବଂ ଏହା ଅନୁସରଣ କରେ ନାହିଁ ଯେ, ଡାକ୍ତରୀ ପ୍ରତିପୂରଣ ପ୍ରଦାନରେ ବିଳମ୍ବ ପାଇଁ, ସେ ତା' ଉପରେ ସୁଧ ପାଇବାକୁ ମଧ୍ୟ ହକଦାର ହେବା ଉଚିତ । ପୂର୍ବରୁ ଏକ ଅବସରରେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ସ୍ୱତନ୍ତ୍ର ଅନୁମତି ଆବେଦନକୁ ପରିସ୍ଥିତିରେ ମୂଳରୁ ଖାରଜ କରିବାର ପ୍ରଭାବ ଥିଲା । ତେଣୁ, ଏହାକୁ ଅନୁସରଣ କରିବା ପାଇଁ ଏହା କୌଣସି ନିଷ୍ପତ୍ତିର ଆଧାର ପ୍ରଦାନ କରେ ନାହିଁ । ଏଭଳି ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ, ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଚିକିତ୍ସା ଖର୍ଚ୍ଚର ବିଳମ୍ବିତ ପ୍ରତିପୂରଣ ଉପରେ ସୁଧ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ ହେବ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଆର୍. ପି. ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ